**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୫୧
- ୟୁରୋ ୯୯.୨୯ ● ୟେନ୍ ୦.୮୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୫୦୦ (ଭୁବନେଶ୍ୱର)
- ରୁପା : ୧,୧୪,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୪୪୪.୦୦
- ନିଫ୍ଟି ୨୪,୮୧୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ବିଶିଷ୍ଟ ନିବେଶକ ରୋବର୍ଟ କିୟୋସାକିଙ୍କ ପୂର୍ବାନୁମାନ

# ରୁପା ଦୁଇ ଲକ୍ଷ ଛୁଇଁବ

**ନୂଆଦିଲ୍ଲୀ,୧୮।୬(ଏଜେନ୍ସି):**

ସମ୍ପ୍ରତି ବିଶ୍ୱରେ ହୁ ହୁ ହୋଇ ବଢୁଛି ସୁନା ଏବଂ ରୁପା ଦର। ବୈଶ୍ୱିକ ଉତ୍ତେଜନାରେ ଉଭୟ ଧାତୁର ମୂଲ୍ୟ ବଢ଼ିବାରେ ଲାଗିଛି। ଏଥିରେ ସୁନା ଉପରେ ଭାରି ପଡିବାକୁ ଯାଉଛି ରୁପା। ମୂଲ୍ୟ ବୃଦ୍ଧି ଦୃଷ୍ଟିରୁ ସୁନା ଦରକୁ ଟପୁଛି ରୁପା ଦର। ଖୁବ୍ ଶୀଘ୍ର ରୁପା ମୂଲ୍ୟ ଦୁଇ ଲକ୍ଷ ଟଙ୍କା ଛୁଇଁବ। ଏମିତିକି ରୂପା ମୂଲ୍ୟ ବର୍ତ୍ତମାନର ସ୍ତରରୁ ଦୁଇଗୁଣ ଅଧିକ ହୋଇପାରେ। 'ରିଚ୍ ଡାଡ୍, ପୁଅର ଡାଡ୍'ର ପ୍ରସିଦ୍ଧ ଲେଖକ ତଥା ନିବେଶକ ରବର୍ଟ କିୟୋସାକି ରୂପା ମୂଲ୍ୟକୁ ନେଇ ଏପରି ଆକଳନ କରିଛନ୍ତି। ତାଙ୍କର ଏହି ଭବିଷ୍ୟବାଣୀକୁ ନେଇ ସୋସିଆଲ ମିଡିଆରେ ବେଶ ଆଲୋଚନା ହେଉଛି। କିୟୋସାକିଙ୍କ କହିବାନୁଯାୟୀ, ବିଶ୍ୱ ଅନିଶ୍ଚିତତା ଏବଂ ଦୃଢ଼ ମୌଳିକ କାରଣ ଯୋଗୁଁ ରୁପା ମୂଲ୍ୟରେ ଏକ ବୃହତ୍ ବୃଦ୍ଧି ଦେଖିବାକୁ ମିଳିବ। ବର୍ତ୍ତମାନ ଘରୋଇ ବଜାରରେ ରୁପା ମୂଲ୍ୟ ଏହାର ସର୍ବୋଚ୍ଚ ସ୍ତର ପ୍ରତି କିଲୋଗ୍ରାମ ୧.୧୧ ଲକ୍ଷ ଟଙ୍କା ଉପରେ ରହିଛି।



ବିଶ୍ଳେଷକମାନେ କହିଛନ୍ତି ଯେ ଶିଳ୍ପ ଚାହିଦା, ଆର୍ଥିକ ପରିସ୍ଥିତି ଏବଂ ବୈଷୟିକ ବ୍ରେକଆଉଟ୍ ଯୋଗୁଁ ରୁପାର ଚମକ ଆହୁରି ବୃଦ୍ଧି ପାଇପାରେ। ରୁପା ବଜାର ଲଗାତାର ପଞ୍ଚମ ବର୍ଷ ପାଇଁ ମାନ୍ଦା ରହିଛି। ଅର୍ଥାତ୍ ଯୋଗାଣ ଅପେକ୍ଷା ଚାହିଦା ଅଧିକ ଅଛି। ଏ ସମ୍ପର୍କରେ ରିଲାଏନ୍ସ ସିକ୍ୟୁରିଟିଜ୍‌ର ବରିଷ୍ଠ ବିଶେଷଜ୍ଞ (ମୁଦ୍ରା ଏବଂ ସାମଗ୍ରୀ) ଜିଗର ତ୍ରିବେଦୀ କହିଛନ୍ତି ଯେ ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ ରୁପା ଏବଂ ସୁନା ଉଭୟର ଚାହିଦା ବୃଦ୍ଧି ପାଉଛି। କିନ୍ତୁ ରୁପା ବିଶେଷ ଭାବରେ ଖବରରେ ଅଛି କାରଣ ଏହା କେବଳ ଏକ ସୁରକ୍ଷିତ ନିବେଶ ନୁହେଁ, ବରଂ ଏହାର ଶିଳ୍ପ ଚାହିଦା ପ୍ରବଳ ରହିଛି। ସେ କହିଛନ୍ତି ଯେ ଭୂ-ରାଜନୈତିକ ଉତ୍ତେଜନା ଏବଂ ବାଣିଜ୍ୟିକ ଅନିଶ୍ଚିତତା ମଧ୍ୟରେ ସୁନା ସର୍ବଦା ନିବେଶକଙ୍କ ପ୍ରଥମ ପସନ୍ଦ ହୋଇଆସିଛି। କିନ୍ତୁ ବର୍ତ୍ତମାନ ରୁପା ମୂଲ୍ୟ ମଧ୍ୟ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ବୈଦ୍ୟୁତିକ ଯାନବାହନ (ଇଭି) ଏବଂ ସୋଲାର କ୍ଷେତ୍ରରେ ରୁପାର ଚାହିଦା ନିରନ୍ତର ବୃଦ୍ଧି ପାଉଛି। ସେ ପରାମର୍ଶ ଦେଇଛନ୍ତି ଯେ ନିବେଶକମାନେ ସେମାନଙ୍କ ପୋର୍ଟଫୋଲିଓରେ ୬-୮% ସୁନା ଏବଂ ୧୨-୧୫% ରୁପାରେ ନିବେଶ କରିବା ଉଚିତ। ଏହା କେବଳ ସ୍ଥିରତା ପ୍ରଦାନ କରିବ ନାହିଁ, ବରଂ ୨୦୨୫ ରେ ରୁପା ମୂଲ୍ୟ ବୃଦ୍ଧିର

## ବୈଶ୍ୱିକ ଉତ୍ତେଜନାରେ ବଢୁଛି ଦର

ଲାଭ ଉଠାଇପାରିବେ। ସେ କୁହନ୍ତି ଯେ ରୁପାରେ ନିବେଶ ଏକ ସନ୍ତୁଳିତ ଏବଂ ଲାଭଦାୟକ ରଣନୀତି ହୋଇପାରେ। ଏହା ଉପରେ ମତ ରଖି ଆନନ୍ଦ ରାଠି ସେୟାର ଏବଂ ଷ୍ଟକ୍ ବ୍ରୋକର୍ସର ନିର୍ଦ୍ଦେଶକ (କମୋଡିଟି ଏବଂ ମୁଦ୍ରା) ନବୀନ ମାଥୁର କହିଛନ୍ତି ଯେ ରୁପା ମୂଲ୍ୟ ସମ୍ପ୍ରତି ୧୩ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ଅଭିବୃଦ୍ଧି ଦେଖିଛି। ଗତ ସପ୍ତାହର ବୃଦ୍ଧି ଏହାର ପ୍ରମାଣ। ଏହି ବୃଦ୍ଧି ପଛରେ ସୁରକ୍ଷିତ ନିବେଶ ଚାହିଦା, ବାଣିଜ୍ୟିକ ଅନିଶ୍ଚିତତା ଏବଂ ଶିଳ୍ପ କ୍ରୟ ଭଳି କାରଣ ରହିଛି। ୨୦୨୫ ର ଦ୍ୱିତୀୟାର୍ଦ୍ଧରେ ରୁପା ସୁନାକୁ ପଛରେ ପକାଇପାରେ।

ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ ନୂଆଦିଲ୍ଲୀ ଦରଠାରୁ ଅଧିକ ରହିଛି। ସହରରେ ରୁପା କିଲୋ ପିଛା ଆଜି ବି ୧.୧୧ ଲକ୍ଷ ଟଙ୍କା ଉପରେ ପହଞ୍ଚିଛି। ବୁଧବାର ଘରୋଇ ବଜାରରେ ପୁଣି ଥରେ ରୁପା ମୂଲ୍ୟରେ ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ଆଜି ରୁପା କିଲୋ ପିଛା ୧,୧୪,୬୦୫ ଟଙ୍କା ଛୁଇଁଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୨,୫୦୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍ ସୁନା ଦର ୧,୦୦,୯୧୦ ଟଙ୍କା ରହିଛି।

## ସରକାରୀ କର୍ମଚାରୀ ୟୁପିଏସ୍‌ରେ ଅବସର ଏବଂ ମୃତ୍ୟୁକାଳୀନ ଗ୍ରାଚ୍ୟୁଇଟି ଲାଭ ପାଇବେ

**ନୂଆଦିଲ୍ଲୀ,୧୮।୬(ଏଜେନ୍ସି):** ଏଣିକି ଏକୀକୃତ ପେନସନ ଯୋଜନା(ୟୁପିଏସ୍) ଅଧୀନରେ ଆସୁଥିବା କେନ୍ଦ୍ର ସରକାରୀ କର୍ମଚାରୀମାନେ ବର୍ତ୍ତମାନ କେନ୍ଦ୍ରୀୟ ପ୍ରଶାସନିକ ସେବା (ଜାତୀୟ ପେନସନ୍ ପ୍ରଣାଳୀ ଅଧୀନରେ ଗ୍ରାଚ୍ୟୁଇଟି ପ୍ରଦାନ) ନିୟମ, ୨୦୨୧ର ବ୍ୟବସ୍ଥା ଅନୁଯାୟୀ ଅବସର ଏବଂ ମୃତ୍ୟୁକାଳୀନ ଗ୍ରାଚ୍ୟୁଇଟି ଲାଭ ପାଇଁ ଯୋଗ୍ୟ ବିବେଚିତ ହେବେ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସାଧାରଣ ଅଭିଯୋଗ ଏବଂ ପେନସନ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ଏହା କହିଛନ୍ତି। ଏହି ପଦକ୍ଷେପ ସରକାରୀ କର୍ମଚାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଦାବିର ସମାଧାନ କରିବା ସହ ଅବସରକାଳୀନ ଲାଭରେ ସମାନତା ଆଣିବ। ନୂତନ ବ୍ୟବସ୍ଥା ଜାତୀୟ ପେନସନ୍ ଯୋଜନା ଅଧୀନରେ ସମସ୍ତ ବର୍ଗର କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଡ. ସିଂ କହିଛନ୍ତି। ସରକାରୀ କର୍ମଚାରୀଙ୍କ ଏକ ବଡ଼ ବର୍ଗ ଦୀର୍ଘ ଦିନରୁ ଏହି ଦାବି କରିଆସୁଥିଲେ। କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ସରକାରୀ କର୍ମଚାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଦାବିକୁ ପୂରଣ କରିବ ଏବଂ ଅବସରକାଳୀନ ସୁବିଧାଗୁଡ଼ିକରେ ସମାନତା ଆଣିବ ବୋଲି କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି। ଏହି ନୂତନ ବ୍ୟବସ୍ଥା ଜାତୀୟ ପେନସନ ବ୍ୟବସ୍ଥା ଅଧୀନରେ ସମସ୍ତ ବର୍ଗର କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ପୁରୁଣା ନିୟମରେ ଅସମ୍ବେଦନଶୀଳତାର ପ୍ରତ୍ୟକ୍ଷ ଅନୁଭୂତି କାରଣରୁ କେତେଗୁଡ଼ିଏ ପରିବର୍ତ୍ତନ କରାଯାଇଛି। ତେଣୁ ମାନବ କୈନ୍ଦ୍ରିକ ସଂସ୍କାର ମନ୍ତ୍ରଣାଳୟର ପ୍ରୟାସର ତୃତୀୟ ସ୍ତମ୍ଭ ଥିଲା ବୋଲି ସେ କହିଥିଲେ। ଏଥିରେ ପେନସନଭୋଗୀଙ୍କ ପାଇଁ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ପ୍ରବର୍ତ୍ତନ, ଛାଡପତ୍ର ଏବଂ ଅଲଗା ହୋଇଥିବା ଝିଅମାନଙ୍କୁ ସାମିଲ କରିବା ପାଇଁ ପାରିବାରିକ ପେନସନ୍ ନିୟମରେ ସଂସ୍କାର, ଏବଂ ମୃତ ପ୍ରସବ ମାମଲାରେ ମାତୃତ୍ୱ ଛୁଟି ବୃଦ୍ଧି କରିବା ଭଳି ପଦକ୍ଷେପ ସାମିଲ ଅଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। ସମୟୋଚିତ କ୍ୟାରିଅର ଅଗ୍ରଗତି ବିନା ସେବା କରିଥିବା ଅଧିକାରୀମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ଦୀର୍ଘ ଦିନ ଧରି ପଡ଼ି ରହିଥିବା ୧୯ ହଜାରରୁ ଅଧିକ ପଦୋନ୍ନତି କିପରି ତ୍ୱରାନ୍ୱିତ କରାଯାଇଥିଲା ତାହା ସେ ସ୍ମରଣ କରାଇ ଦେଇଥିଲେ। କେନ୍ଦ୍ର ମନ୍ତ୍ରୀ କହିଥିଲେ, ଆମେ ବ୍ୟକ୍ତିବିଶେଷଙ୍କ ମର୍ଯ୍ୟାଦାକୁ ସମ୍ମାନ କରୁଥିବା ସମାଧାନ ସୃଷ୍ଟି କରିବା ପାଇଁ ପ୍ରଯୁକ୍ତି ସହିତ ମାନବୀୟ ଚିନ୍ତାଧାରାକୁ ମିଳିତ କରିଛୁ। ସେ କହିଥିଲେ ଯେ ଏହି ପଦକ୍ଷେପଗୁଡିକ ଏପରି ଏକ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ଯାହା ନୀତିକୁ ସହାନୁଭୂତିର ଦୃଷ୍ଟିକୋଣରୁ ଦେଖୁଛି।

## ଅରୁନ୍ଧତୀ ରଜ ପରୀ ସିଜିନ୍-୭ର ଗ୍ରାଣ୍ଡ ଫିନାଲେ




- **ପୁରସ୍କୃତ ହେଲେ ୩ ବିଜେତା**
- **ଫରେନ୍ ଟ୍ରିପ୍ ମେଗା ଲକି ଡ୍ର'ରେ ୯ ଜଣଙ୍କୁ କୁପନ ପ୍ରଦାନ**

**ପୁରୀ,୧୮।୬(ସମିସ):** ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରଜ ପରୀ ସିଜନ୍-୭ର ଗ୍ରାଣ୍ଡ ଫିନାଲେ ଓ ଫରେନ୍ ଟ୍ରିପ୍ ମେଗା ଲକି ଡ୍ର' ବୁଧବାର ସ୍ଥାନୀୟ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଧା ଅନ୍ୱେଷଣ ଏବଂ ଭଗ୍ୟଶାଳୀ ବିଜେତା ଚୟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ ଏବଂ ବିଚାରପତି ଭାବେ ଗୀତିକାର ଅରୁଣ ମନ୍ତ୍ରୀ ଓ ଉପସ୍ଥାପିକା ଶୋଭନା ମିଶ୍ର ଯୋଗଦେଇଥିଲେ। ଅରୁନ୍ଧତୀ ଜୁଏଲର୍ସ ରଜପରି ଭଳି ମହାମଞ୍ଚ ମାଧ୍ୟମରେ ୭ ବର୍ଷ ଧରି ଓଡ଼ିଶାର କୋଣକୋଣରୁ ପ୍ରତିଭାଙ୍କୁ ଅନ୍ୱେଷଣ କରି ସେମାନଙ୍କ ପ୍ରତିଭା ବିକାଶ କରିବାର ସୁଯୋଗ ଦେଇଆସିଛି। ସେହିପରି ଚଳିତ ବିବାହ ଋତୁରେ ନିଜ ପ୍ରିୟ ଗ୍ରାହକବନ୍ଧୁଙ୍କୁ ଅରୁନ୍ଧତୀ ଜୁଏଲର୍ସ ବିଦେଶ ଭ୍ରମଣ ଭଳି ଅଫର ପ୍ରଦାନ କରିଥିଲା। ଏହି ଅବସରରେ ୯ ଜଣ ଭଗ୍ୟଶାଳୀ ବିଜେତାଙ୍କୁ ଜୁଏଲର୍ସ ତରଫରୁ ବିଦେଶ ଭ୍ରମଣ କୁପନ୍ ପ୍ରଦାନ କରାଯାଇଥିଲା। ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଅରୁନ୍ଧତୀ ଜୁଏଲର୍ସ ପ୍ରତି ପ୍ରଗାଢ଼ ଭରସା ଓ ବିଶ୍ୱାସ ରଖିଥିବାରୁ ଗ୍ରାହକଙ୍କୁ ଧନ୍ୟବାଦ ଜଣାଇବା ସହ ରଜପରି ଓ ବିଦେଶ ଭ୍ରମଣ କୁପନ୍ ବିଜେତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଶ୍ରୀ ମେହେର କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସର୍ବଦା ଅରୁନ୍ଧତୀର ପ୍ରତ୍ୟେକଟି ସଫଳତାର ପ୍ରେରଣାର ସ୍ରୋତ। ଚଳିତ ବର୍ଷ ମହାପ୍ରଭୁଙ୍କ କରୁଣାରୁ ପ୍ରତ୍ୟେକ ଶାଖାରେ ଅରୁନ୍ଧତୀ ଗହଣା ସହ ବାନ୍ଧ ଶାଢ଼ି ଅପୂର୍ବ ସମନ୍ୱୟ ଶୋଭାପାଉଛି। ନିଜ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ସେବା ସହ ସର୍ବୋତ୍ତମ ଉତ୍ପାଦ ଯୋଗାଇବା ଅରୁନ୍ଧତୀ ଜୁଏଲର୍ସର ପ୍ରଥମ ପ୍ରାଥମିକତା ଓ ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପ୍ରତିଷ୍ଠାତା ଶ୍ରୀ ମେହେର କହିଛନ୍ତି। ସୂଚନାଥାଉ କି, ରଜପରି ସିଜିନ୍-୭ରେ ୨୦୦୦ ଜଣ ପ୍ରତିଯୋଗୀ ଅଡିଶନ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୫ ଜଣ ପ୍ରତିଯୋଗୀ ଫିନାଲେ ରାଉଣ୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ବିଜେତା ୩ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ହଜାର, ୧୫ହଜାର ଏବଂ ୧୦ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

## କଟକରୁ ବିଶ୍ୱ ବାତାୟନ: ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଲମ୍ବା ଉଡ଼ାଣ

**ଭୁବନେଶ୍ୱର, ୧୮।୬(ସିମସ):** ଯେତେବେଳେ ଗୋଟିଏ ଛୋଟ ଅନୁଷ୍ଠାନ ବଡ଼ ସ୍ୱପ୍ନ ଦେଖିଥାଏ ଓ ସେହି ସ୍ୱପ୍ନ ମାଟିରୁ ଆକାଶକୁ ଛୁଇଁଯାଏ, ସେଠାରେ ଇତିହାସ ଲେଖାଯାଏ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଲେଖିଛି ସେଭଳି ଏକ ଇତିହାସ। ମହାନଦୀ ପାର୍ଶ୍ୱରେ ଥିବା ଏହି ସଂସ୍ଥା ଆଜି ବିଶ୍ୱ ଶିକ୍ଷା ମାନଚିତ୍ରରେ ଏକ ଉଜ୍ଜ୍ୱଳ ତାରକାରେ ପରିଣତ ହୋଇଛି। ଏହାର ଚମକ ପ୍ରକାଶିତ ହୋଇଛି ଟାଇମ୍ସ ହାୟର୍ ଏଜୁକେସନ୍ (ଟିଏଚ୍ଇ) ଇମ୍ପାକ୍ଟ ରାଙ୍କିଙ୍ଗ-୨୦୨୫ ରେ ଏହାର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ। ବିଶ୍ୱର ୫୦,୦୦୦ ରୁ ଅଧିକ ବିଶ୍ୱବିଦ୍ୟାଳୟ ମଧ୍ୟରୁ କେବଳ ୨,୫୦୦ ଟି ସଂସ୍ଥା ଏହି ବିଶ୍ୱସ୍ତରୀୟ ରାଙ୍କିଙ୍ଗ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ନିଜର କାର୍ଯ୍ୟ, ଦୃଷ୍ଟିକୋଣ ଓ ପ୍ରତିବଦ୍ଧତା ଦ୍ୱାରା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି। ଏହା କୌଣସି ସାମାନ୍ୟ ସଂଯୋଗ ନୁହେଁ, ଏହା ଏକ ନୀତି, ଏକ ଦୃଢ଼ ସଂକଳ୍ପ ଓ ନିରନ୍ତର ବିକାଶ ଦିଗରେ କାର୍ଯ୍ୟ କରିବାର ପୁରସ୍କାର।




ଏସ୍‌ଡିଜି-୨ ବିଭାଗରେ ବିଶ୍ୱସ୍ତରରେ ୭୦ତମ ସ୍ଥାନ ଲାଭ କରି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସବୁଠୁ ବଡ଼ ସଫଳତା ଅର୍ଜନ କରିଛି। ଜୈବିକ ଚାଷ, ପୋଷଣ ଓ ଖାଦ୍ୟ ସୁରକ୍ଷା ମଧ୍ୟରେ ଏହାର ଅବଦାନ ବିଶ୍ୱ ମଞ୍ଚରେ ପ୍ରଶଂସିତ ହୋଇଛି। ଏସ୍‌ଡିଜି-୪ (ଗୁଣବତ୍ତାପୂର୍ଣ୍ଣ ଶିକ୍ଷା) ଏସ୍‌ଡିଜି-୧୫ (ପୃଥିବୀ ଉପରେ ଜୀବନ) ବିଭାଗରେ ମଧ୍ୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ୨୦୦ ମଧ୍ୟରେ ସ୍ଥାନ ପାଇଛି। ଏସ୍‌ଡିଜି-୬ (ବିଶୁଦ୍ଧ ଜଳ ଓ ସ୍ୱଚ୍ଛତା) ଓ ଏସ୍‌ଡିଜି- ୭ (ଶସ୍ତା ଓ ସ୍ୱଚ୍ଛ ଶକ୍ତି) ରେ ଏହି ସଂସ୍ଥା ବିଶ୍ୱର ଶ୍ରେଷ୍ଠ ୩୦୦ ମଧ୍ୟରେ ସ୍ଥାନିତ ହୋଇଛି । ଏହି ସଫଳତା କେବଳ ଏକ ସଂଖ୍ୟା ମାତ୍ର ନୁହେଁ, ବରଂ ଏହା ସେହି ଶିକ୍ଷା ମୂଲ୍ୟବୋଧର ଚିତ୍ରଣ ଯେଉଁଥିରେ ସମାଜ, ପରିବେଶ ଓ ମାନବିକତା ଏକସଙ୍ଗେ ଗଠିତ ହୁଏ। ଦେଶରେ ମଧ୍ୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ନିଜ ସଫଳତା ପ୍ରଦର୍ଶିତ କରିଛି। ଏସ୍‌ଡିଜି-୨ ରେ ଭାରତରେ ପଞ୍ଚମ ସ୍ଥାନ, ଏସ୍‌ଡିଜି-୨୪ରେ ତ୍ରୟୋଦଶ, ଏସ୍‌ଡିଜି-୧୫ ରେ ଦଶମ, ଓ ଏସ୍‌ଡିଜି-୭ ଓ ଏସ୍‌ଡିଜି-୧୭ରେ ୨୨ତମ ସ୍ଥାନ ମିଳିଛି। ଫଳରେ ଏସଏସୟୁ ଭାରତର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଉଥିବା ପ୍ରମୁଖ ସଂସ୍ଥା ବୋଲି ପ୍ରମାଣିତ ହୋଇଛି।

## ଅଶୋଧିତ ତୈଳ ୫ ମାସର ସର୍ବୋଚ୍ଚ ସ୍ତର ଛୁଇଁଲା

**ୱାଶିଂଟନ୍,୧୮।୬(ଏଜେନ୍ସି):** ଇରାନ୍-ଇସ୍ରାଏଲ୍ ଯୁଦ୍ଧରେ କ୍ରମାଗତ ଭାବେ ଷଷ୍ଠ ଦିନ ପାଇଁ ଅଶୋଧିତ ତୈଳ ଦର ରେ ବୃଦ୍ଧି ଧାରା ଜାରି ରହିଛି। ଏଥିରେ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୭୬ ଡଲାରରେ ପହଞ୍ଚିଛି, ଯାହାକି ବିଗତ ୫ ମାସରେ ସର୍ବାଧିକ। ବ୍ୟବସାୟୀମାନେ ଇରାନ୍‌ରୁ ତେଲ ରପ୍ତାନିକୁ ନେଇ ଚିନ୍ତାରେ ପଡିବା ଫଳରେ ବଜାରରେ ଦର ବଢ଼ିବାରେ ଲାଗିଛି। ବୁଧବାର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ୍ ପିଛା ୪.୪% ବୃଦ୍ଧି ପାଇ ୭୬.୭୦ ଡଲାରରେ ପହଞ୍ଚିଛି।

## ଓଡିଶା ମାନୁଫାକ୍ଚରିଂ କନ୍‌କ୍ଲେଭର ୨ୟ ସଂସ୍କରଣ

**ଭୁବନେଶ୍ୱର,୧୮।୬(ସମିସ) :** ବର୍ତ୍ତମାନ ନିର୍ମାଣ କ୍ଷେତ୍ର ଓଡିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡିପି)ରେ ୩୬% ଯୋଗଦାନ ଦେଉଥିବା ବେଳେ, ଶିଳ୍ପ ଓ ନିର୍ମାଣ କ୍ଷେତ୍ରର ମିଳିତ ଯୋଗଦାନ ୫୩% ରହିଛି। ତେବେ ଏହି ମିଳିତ ଅଂଶକୁ ଆହୁରି ବୃଦ୍ଧି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ପାଇଁ ଏହା ଏକ ଶୀର୍ଷ ପ୍ରାଥମିକତା ବୋଲି ଓଡିଶା ମାନୁଫାକ୍ଚରିଂ କନ୍‌କ୍ଲେଭ ୨୦୨୫ର ୨ୟ ସଂସ୍କରଣ ଅବସରରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆସୋଚାମ, ଓଡିଶା ରାଜ୍ୟ ବିକାଶ ପରିଷଦର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ପୂର୍ବ ଏବଂ ଉତ୍ତରପୂର୍ବ ଭାରତର ବ୍ରିଟିଶ ଡେପୁଟି ହାଇକମିଶନର୍ ଆଣ୍ଡ୍ରୁ ଫ୍ଲେମିଂ, ଶିଳ୍ପ ବିଭାଗର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ରେଡ୍ଡୀ, ଆସୋଚାମ, ଓଡିଶା ରାଜ୍ୟ ଉତ୍ପାଦନ ପରିଷଦର ଅଧ୍ୟକ୍ଷ ଶଶି ଶେଖର ମହାନ୍ତି, ଆସୋଚାମର ଓଡିଶା ରାଜ୍ୟ ଖଣି ଓ ଇସ୍ପାତ ପରିଷଦର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ଆସୋଚାମ ଓଡିଶା ସିଏସଆର ଓ ସ୍ଥାୟିତ୍ୱ ପରିଷଦର ଅଧ୍ୟକ୍ଷ ପ୍ରଶାନ୍ତ ହୋତା, ପ୍ରିମସ ପାର୍ଟନର୍ସ ଇଣ୍ଡିଆର ବରିଷ୍ଠ ପରାମର୍ଶଦାତା ଭାରତ ଦୁରେଜା ପ୍ରମୁଖ ଉପସ୍ଥିତ ଥିଲେ।



## ସୋଆ ଏବଂ ବ୍ରୋଡବ୍ରିଜ୍ ଫାଇନାନ୍ସିଆଲ୍ ସଲ୍ୟୁସନ୍ସ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର,୧୮।୬(ସମିସ):** ଶିକ୍ଷା ଏବଂ ଶିଳ୍ପ କ୍ଷେତ୍ରରେ ସହଭାଗିତାକୁ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ଭାରତର ନୂତନତା ଏବଂ ଆର୍ଥିକ ବୈଷୟିକ



ପରିସଂସ୍ଥା ପର୍ଯ୍ୟବସିତ ଅନୁଷ୍ଠାନ ବ୍ରୋଡବ୍ରିଜ୍ ଫାଇନାନ୍ସିଆଲ୍ ସଲ୍ୟୁସନ୍ସ ମଧ୍ୟରେ ମଙ୍ଗଳବାର ଏଠାରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ବ୍ରୋଡବ୍ରିଜ୍ ଇଣ୍ଡିଆର ମାନବ ସମ୍ବଳ ମୁଖ୍ୟ ରିତୁ ରାଖରା ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିବା ବେଳେ ଉଭୟ ଅନୁଷ୍ଠାନର ଶୀର୍ଷ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଏହାଦ୍ୱାରା ଉଭୟ ଅନୁଷ୍ଠାନ ଶିକ୍ଷା ଏବଂ ଶିଳ୍ପ କ୍ଷେତ୍ରରେ ଥିବା ବ୍ୟବଧାନକୁ ହ୍ରାସ କରିବା ଦିଗରେ କାର୍ଯ୍ୟ କରିବ। ବୁଝାମଣା ଅନୁଯାୟୀ ସୋଆ ଏବଂ ବ୍ରୋଡବ୍ରିଜ୍ ସହଭାଗିତା ଭିତିରେ ଶିଳ୍ପ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶିଳ୍ପ ସମ୍ବନ୍ଧୀୟ କର୍ମଶାଳା, ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଏବଂ ଛାତ୍ରଛାତ୍ରୀମାନଙ୍କୁ ଇନ୍‌ଟର୍ଣ୍ଣସିପ୍‌ର ସୁଯୋଗ ପ୍ରଦାନ କରିବେ। ଏହି ସହଭାଗିତା ଦ୍ୱାରା ଶିଳ୍ପ କ୍ଷେତ୍ରରେ ସୋଆର ସହଯୋଗକୁ ପ୍ରତିପାଦିତ କରିବା ସହ ଆମ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ଦିଗରେ ସାହାଯ୍ୟ କରିବ ବୋଲି କୁଳପତି ପ୍ରଫେସର ନନ୍ଦ କହିଛନ୍ତି। କାର୍ଯ୍ୟକ୍ରମରେ ଏହି ଅବସରରେ ସୋଆର କର୍ପୋରେଟ ରିଲେସନ୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏନଗେଜ୍‌ମେଣ୍ଟର ନିର୍ଦ୍ଦେଶକ ରୀପ୍ତି ରଞ୍ଜନ ଦାଶ ଉପସ୍ଥିତ ଥିଲେ।

## ଆଇଏଏସ୍ ଧିମାନଙ୍କ ପୈତୃକ ଘର ଓ ଶଶୁର ଘରେ ଭିଜିଲାନ୍ସ ଚଢ଼ଉ

**ଭୁବନେଶ୍ୱର,୧୮ ।୬(ସମିସ):** ଧର୍ମଗଡ଼ ଉପ ଜିଲ୍ଲାପାଳ ଧିମାନ ଚକମା ଗିରଫ ପରେ ଆଜି ଭିଜିଲାନ୍ସ ଚକ୍‌ମାଙ୍କ ପୈତୃକ ବାସଭବନ ତ୍ରିପୁରା ଏବଂ ଶଶୁର ଘର ହିମାଚଳ ପ୍ରଦେଶରେ ଚଢଉ କରାଯାଇଛି। ତ୍ରିପୁରାର କାଞ୍ଚନପୁରରେ ଚକମାଙ୍କ ଆବାସିକ ଘର ଏବଂ ସମୀନାଲା, କୁଲ୍ଲୁ ଜିଲ୍ଲା ଏବଂ ରଙ୍ଗବେ, ଜିଲ୍ଲା-ଲାହୋଲେ ଥିବା ତାଙ୍କ ଶ୍ୱଶୁର ଘରେ ଚଢଉ କରି ଯାଞ୍ଚ କାଯାଇଛି। ପୈତୃକ ବାସଭବନ ଏବଂ ଶଶୁର ଘରୁ ଭିଜିଲାନ୍ସ ଏକାଧିକ ଦସ୍ତାବିଜ୍ ଜବତ କରିଥିବା ଜଣାପଡ଼ିଛି। ୧୦ ଲକ୍ଷ ଲାଞ୍ଚ ନେଇ ଧୀମାନ ଚକମା ଗିରଫ ହୋଇ ଭବାନୀପାଟଣା ଜେଲରେ ଅଛନ୍ତି। ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା ଜଣେ କ୍ରସର ମାଲିକଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଏହା ସହିତ ତଦନ୍ତ ବେଳେ ତାଙ୍କ ଘରୁ ୪୭ ଲକ୍ଷ ଟଙ୍କା ଜବତ କରିଥିଲେ। ଏହି ଘଟଣା ରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଭବାନୀପାଟଣା ଜେଲକୁ ପଠାଯାଇଥିଲା।

**ଉଚ୍ଚ ଅମଳକାରୀ ମକା, ସୋରିଷ ଓ ଧାନ ବିକଶିତ**

## ଚାଷୀଙ୍କ ଆୟ ବଢ଼ାଇବ ନୂଆ କିସମ

**ଭୁବନେଶ୍ୱର, ୧୮ ।୬(ସମିସ):** ରାଜ୍ୟରେ ବିଭିନ୍ନ କୃଷି ଫସଲ କିସମ ବିକଶିତ କରିବା ପାଇଁ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଆଜି ଓଡ଼ିଶା ରାଜ୍ୟ ବିହନ ଉପ-କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ତିନି ପ୍ରକାର ଅଣ-ଧାନ କିସମ ଯଥା ଓୟୁଏଟି କଳିଙ୍ଗ ମକା, (ଖୁସି), ଓୟୁଏଟି କଳିଙ୍ଗ ସୋରିଷ, ଓୟୁଏଟି କଳିଙ୍ଗ ସୋରିଷ(ସିଦ୍ଧି) ରାଜ୍ୟରେ ବିକଶିତ କରିବା ପାଇଁ ଅନୁମୋଦିତ ହୋଇଛି। ସମୃଦ୍ଧି ଓ ସିଦ୍ଧି ହେଉଛି ଦୁଇଟି ଉଚ୍ଚ ଅମଳକାରୀ ଏବଂ ଅଧିକ ପରିମାଣର ତେଲ ଥିବା ସୋରିଷ କିସମ। ସେହିପରି ଓୟୁଏଟିର ଧାନ କିସମ ଯଥା ଓୟୁଏଟି କଳିଙ୍ଗ ଧାନ ୩ (ସମ୍ପଦ), ଓୟୁଏଟି କଳିଙ୍ଗ ଧାନ ୧୨ (ପରଜା), ଓୟୁଏଟି କଳିଙ୍ଗ ଧାନ ୧୨ ଇ (ପଦ୍ମଜା), ଓୟୁଏଟି କଳିଙ୍ଗ ଧାନ ୧୪ (ଶ୍ରୀପଦା) ଏବଂ ସିଆରଆରଆଇ, କଟକର ୭ ଟି ଧାନ କିସମ ଯଥା ସିଆର ଧାନ ୨୧୫ (ଇନ୍ଦୁମତୀ), ସିଆର ଧାନ ୩୨୫ (ସଲିଳା), ସିଆର ଧାନ ୩୩୪ (ସତ୍ୟଦେବ), ସିଆର ଧାନ ୩୩୫ (ଆଲୋକ), ସିଆର ଧାନ ୬୦୪ (କଳ୍ପନା), ସିଆର ଧାନ ୭୦୫ (ଗଙ୍ଗା) ଏବଂ ସିଆର ଧାନ ୯୧୨ (ଆଶୁତୋଷ ମେହେକ) ମଧ୍ୟ ରାଜ୍ୟରେ ବିକଶିତ କରାଯାଇଛି।ଏହି ଅଣ-ଧାନ ଏବଂ ଧାନ କିସମଗୁଡିକ ଚାଷୀଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଆଗାମୀ ଖରିଫ ଋତୁରେ ଚାଷୀମାନେ ଏହି ସବୁ ଧାନ, ମକା, ଓ ସୋରିଷ କିସମ ଗୁଡିକୁ ବ୍ୟବହାର କରିପାରିବେ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ପାଢୀ କହିଛନ୍ତି। ବୈଠକରେ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସିଆରଆରଆଇ କଟକ ଏବଂ କୃଷି ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

